ପାଠ-୨୦ ତଥ୍ୟ ଜାଣିବା ଓ ତହିଁରୁ ସିଦ୍ଧାନ୍ତ କରିବା

7ZZ46E

ଗୋଟିଏ ଚିଡ଼ିଆଖାନାରେ ଥିବା ପଶୁଙ୍କ ସଂଖ୍ୟା ତଳେ ଥିବା ଚିତ୍ରଲେଖରେ ଦିଆଯାଇଛି ।

୧୦ଟି ପଶୁ ପାଇଁ ଗୋଟିଏ '△' ଚିତ୍ର ନିଆଯାଇଛି ।

ବାଘ ସଂଖ୍ୟାକୁ ତିନୋଟି '△' ଚିତ୍ରରେ ସୂଚାଯାଇଛି, ଅର୍ଥାତ୍ ବାଘ ସଂଖ୍ୟା = ୧୦ × ୩ = ୩୦

☞ ଚିତ୍ରଲେଖ ଦେଖି ଉତ୍ତର କହ ଓ ଲେଖ ।

(କ) କେଉଁ ପଶୁଙ୍କ ସଂଖ୍ୟା ସର୍ବାଧିକ ?

(ଖ) କେଉଁ ପଶୁଙ୍କ ସଂଖ୍ୟା ସର୍ବନିମ୍ନ ?

(ଗ) ହରିଣଙ୍କ ସଂଖ୍ୟା ଦର୍ଶାଇବା ପାଇଁ କେତୋଟି '△' ନିଆଯାଇଛି ?

(ଘ) ଚିଡ଼ିଆଖାନାରେ କେତୋଟି ହରିଣ ଅଛନ୍ତି ?

(ଙ) ଠେକୁଆଙ୍କ ସଂଖ୍ୟା ଦର୍ଶାଇବା ପାଇଁ କେତୋଟି '△' ନିଆଯାଇଛି ?

(ଚ) ଚିଡ଼ିଆଖାନାରେ କେତୋଟି ଠେକୁଆ ଅଛନ୍ତି ?

(ଛ) ହରିଣଙ୍କ ଅପେକ୍ଷା ଠେକୁଆଙ୍କ ପାଇଁ କେତୋଟି ଅଧିକ '△' ନିଆଯାଇଛି ?

(ଛ) ଚିଡ଼ିଆଖାନାରେ ହରିଣଙ୍କ ସଂଖ୍ୟା ଠାରୁ ଠେକୁଆଙ୍କ ସଂଖ୍ୟା କେତେ ଅଧିକ ?

- ଗୋଟିଏ ଦୋକାନରେ ସାତଦିନରେ ବିକ୍ରି ହୋଇଥିବା କଣ୍ଢେଇର ପରିମାଣ ଟାଲି ଚିହ୍ନରେ ଦିଆଯାଇଛି । ଟାଲିଚିହ୍ନଗୁଡ଼ିକୁ ଗଣି ସାରଣୀ ପୂରଣ କର ।

ବାରର ନାମ	ବିକ୍ରି ହୋଇଥିବା କଣ୍ଢେଇର ସଂଖ୍ୟା (ଟାଲି ଚିହ୍ନରେ)	ବିକ୍ରି ହୋଇଥିବା କଣ୍ଢେଇ ସଂଖ୍ୟା	୫ଟି କଣ୍ଢେଇ ପାଇଁ ଗୋଟିଏ 𝍸 ଚିତ୍ର ଦେଲେ ଆବଶ୍ୟକ 𝍸 ସଂଖ୍ୟା
ରବିବାର	|||||||||||||||||||||||||	୨୫	𝍸 𝍸 𝍸 𝍸 𝍸
ସୋମବାର	||||||||||||||||||||		
ମଙ୍ଗଳବାର	||||||||||		
ବୁଧବାର	|||||||||||||||		
ଗୁରୁବାର	|||||||||		
ଶୁକ୍ରବାର	|||||		
ଶନିବାର	||||||||||||		

ପ୍ରତି ୫ଟି କଣ୍ଢେଇ ପାଇଁ ଗୋଟିଏ ଚିତ୍ର ନେଇ ଦୋକାନରେ ବିଭିନ୍ନ ଦିନରେ ବିକ୍ରି ହୋଇଥିବା କଣ୍ଢେଇ ସଂଖ୍ୟାକୁ ଚିତ୍ର ଲେଖରେ ଦର୍ଶାଅ ।

ରବିବାର ସୋମବାର ମଙ୍ଗଳବାର ବୁଧବାର ଗୁରୁବାର ଶୁକ୍ରବାର ଶନିବାର

ବାରର ନାମ →

• ସଲିମ୍ ବିଭିନ୍ନ ଦେଶର ଡାକଟିକଟ ସଂଗ୍ରହ କରିଥିଲା । ସଂଗୃହୀତ ଡାକଟିକଟଗୁଡ଼ିକର ସଂଖ୍ୟାକୁ ନିମ୍ନ ଚିତ୍ରଲେଖରେ ଦର୍ଶାଯାଇଛି ।

ପାକିସ୍ତାନ	○○○○○○○○○○○○
ନେପାଳ	○○○○○
ରୁଷିଆ	○○○○○○○○
ଆମେରିକା	○○○
ଇଂଲଣ୍ଡ	○○○○○○○○
ଶ୍ରୀଲଙ୍କା	○○○○○○○○○

ଉପରିସ୍ଥ ଚିତ୍ରଲେଖରେ ୩ଟି ଡାକଟିକଟ ପାଇଁ ଗୋଟିଏ ' ○ ' ନିଆଯାଇଛି । ଉପର ଚିତ୍ରଲେଖକୁ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ସଲିମ୍ କେତୋଟି ରୁଷିଆର ଡାକଟିକଟ ସଂଗ୍ରହ କରିଥିଲା ? ☐

(ଖ) ସଲିମ୍ କେତୋଟି ଶ୍ରୀଲଙ୍କାର ଡାକଟିକଟ ସଂଗ୍ରହ କରିଥିଲା ? ☐

(ଗ) ସଲିମ୍ ସଂଗ୍ରହ କରିଥିବା ଡାକଟିକଟଗୁଡ଼ିକ ମଧ୍ୟରୁ ନେପାଳ ଓ ଆମେରିକାର ଡାକଟିକଟ ସଂଖ୍ୟା ମିଶିଲେ ଅନ୍ୟ କେଉଁ ଦେଶର ଡାକଟିକଟ ସଂଖ୍ୟା ସହ ସମାନ ହେବ ? ☐

(ଘ) ସଲିମ୍ ଯେଉଁ ଦେଶର ଡାକଟିକଟ ସବୁଠାରୁ ବେଶୀ ସଂଖ୍ୟାରେ ସଂଗ୍ରହ କରିଛି ଓ ଯେଉଁ ଦେଶର ଡାକଟିକଟ ସବୁଠାରୁ କମ୍ ସଂଖ୍ୟାରେ ସଂଗ୍ରହ କରିଛି, ସେହି ଦେଶଦ୍ୱୟର ସଂଗୃହୀତ ଡାକଟିକଟ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ? ☐

(ଙ) ଯଦି ସଂଗ୍ରହ କରାଯାଇଥିବା ଶ୍ରୀଲଙ୍କାର ପ୍ରତ୍ୟେକ ଡାକଟିକଟର ମୂଲ୍ୟ ୮ ଟଙ୍କା ହୁଏ, ତେବେ ସେହି ଦେଶର ସଂଗୃହୀତ ଡାକଟିକଟର ମୋଟ୍ ମୂଲ୍ୟ କେତେ ହେବ ? ☐

• ଗୋଟିଏ ସପ୍ତାହରେ ୬ ଜଣ ବହି ବ୍ୟବସାୟୀ ବିକିଥିବା ବହିର ସଂଖ୍ୟାକୁ ତଳ ଚିତ୍ରଲେଖରେ ଦିଆଯାଇଛି ।



(କ)ବିକ୍ରି ହୋଇଥିବା ୧୦୦ ଖଣ୍ଡ ବହି ପାଇଁ ଗୋଟିଏ ' ' ଛବି ନିଆଯାଇଛି । ଚିତ୍ରଲେଖ ଦେଖି ଦୋକାନୀ ବିକିଥିବା ବହିସଂଖ୍ୟାକୁ ସାରଣୀରେ ଦର୍ଶାଅ ।

ଦୋକାନୀର ନାମ	ଚିତ୍ରଲେଖରେ ଥିବା ଛବି ସଂଖ୍ୟା	ବିକ୍ରିହୋଇଥିବା ବହିସଂଖ୍ୟା

(ଖ) ସେହି ସପ୍ତାହରେ କିଏ ସବୁଠାରୁ ଅଧିକ ସଂଖ୍ୟକ ବହି ବିକ୍ରି କରିଥିଲା ? ______________

(ଗ) ଅଧିକରୁ କମ୍ ବିକ୍ରି ହୋଇଥିବା ବହି ସଂଖ୍ୟା ଅନୁଯାୟୀ ବ୍ୟବସାୟୀମାନଙ୍କ ନାମକୁ କ୍ରମରେ ଲେଖ ।

____

ଅଭ୍ୟାସ କାର୍ଯ୍ୟ

୧. ଘର ଗୁଡ଼ିକରେ ଥିବା ପ୍ରତ୍ୟେକ ଚିତ୍ର ୫ଟି ବସ୍ତୁକୁ ବୁଝାଏ । ପ୍ରତ୍ୟେକ ଘରେ ଥିବା ଚିତ୍ରଗୁଡ଼ିକ କେତୋଟି ବସ୍ତୁକୁ ବୁଝାଏ ତାହା ଡାହାଣ ପାଖ ଘରେ ଲେଖ ।

ଚିତ୍ର	ସଂଖ୍ୟା

୨. ଗୋଟିଏ ବିଦ୍ୟାଳୟର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟରେ ଭାଗ ନେଇଥିବା ପିଲାଙ୍କ ସଂଖ୍ୟା ଏହି ସାରଣୀରେ ଦିଆଯାଇଛି ।

କାର୍ଯ୍ୟର ନାମ	କାର୍ଯ୍ୟରେ ଭାଗ ନେଇଥିବା ପିଲାସଂଖ୍ୟା
ସ୍କୁଲ ହତା ସଫେଇ	୫୨
ଶ୍ରେଣୀଗୃହ ପରିଷ୍କାର କରିବା	୩୬
ମିଷ୍ଟାନ୍ନ ବଣ୍ଟନ	୧୬
ସାଂସ୍କୃତିକ କାର୍ଯ୍ୟକ୍ରମ	୨୪
କ୍ରୀଡା ପ୍ରତିଯୋଗିତା	୨୮

ଗୋଟିଏ ଚିତ୍ରଲେଖ ଅଙ୍କନ କଲାବେଳେ, ୪ଜଣ ପିଲାଙ୍କ ପାଇଁ ଗୋଟିଏ △ ଚିତ୍ର ଦର୍ଶାଇବା ।

ଉପରିସ୍ଥ ସାରଣୀ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ସ୍କୁଲ ହତା ସଫେଇ କାମ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଖ) ଶ୍ରେଣୀଗୃହ ଗୁଡ଼ିକ ପରିଷ୍କାର କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଗ) ମିଷ୍ଟାନ୍ନବଣ୍ଟନ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଘ) ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଙ) କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଚ) କେଉଁ କାର୍ଯ୍ୟରେ ସବୁଠାରୁ ଅଧିକ ସଂଖ୍ୟକ ପିଲା ଅଂଶଗ୍ରହଣ କରିଥିଲେ ?

(ଛ) କେଉଁ କାର୍ଯ୍ୟରେ ସବୁଠାରୁ କମ୍ ପିଲା ଅଂଶଗ୍ରହଣ କରିଥିଲେ ?

(ଜ) ୪ଜଣ ପିଲାଙ୍କ ପାଇଁ ଗୋଟିଏ △ ବ୍ୟବହାର କରି ଏହି ସାରଣୀରେ ଦିଆଯାଇଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ?

୩. ସୁରେଶ ଗୋଟିଏ ସପ୍ତାହର ବିଭିନ୍ନ ଦିନରେ ଖର୍ଚ୍ଚ କରିଥିବା ଟଙ୍କାର ପରିମାଣକୁ ଚିତ୍ରଲେଖରେ ଦିଆଯାଇଛି । ଏହାକୁ ଲକ୍ଷ୍ୟ କର ।



ଏଠାରେ ଟ. ୧୨.୦୦ ପାଇଁ ଗୋଟିଏ '⊕' ନିଆଯାଇଛି ।

ଚିତ୍ରଲେଖ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଖାଲି କୋଠରିରେ ଲେଖ ।

(କ) ସୁରେଶ ସୋମବାର ଦିନ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଖ) ସୁରେଶ ମଙ୍ଗଳବାର ଓ ବୁଧବାର ଦିନ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଗ) ସୁରେଶ ଶୁକ୍ର ଓ ଶନିବାର ଦିନ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଘ) ସୁରେଶ ସେହି ସପ୍ତାହରେ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

୪. ସାରଣୀରେ ଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର (୬ଟି ପିଲାଙ୍କ ପାଇଁ ଗୋଟିଏ ଚିତ୍ର ନେବ) ।

ଶ୍ରେଣୀ	ପ୍ରଥମ	ଦ୍ୱିତୀୟ	ତୃତୀୟ	ଚତୁର୍ଥ	ପଞ୍ଚମ
ପିଲାସଂଖ୍ୟା	୧୮	୩୦	୨୪	୧୨	୨୪

୫. ଗୋଟିଏ ଦୋକାନରେ ଗୋଟିଏ ମାସରେ ବିକ୍ରି ହୋଇଥିବା ସାମଗ୍ରୀଗୁଡ଼ିକର ପରିମାଣକୁ ନିମ୍ନ ସାରଣୀରେ ଦର୍ଶାଯାଇଛି । ସାରଣୀଟିରେ ଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ।

ସାମଗ୍ରୀର ନାମ	ବିକ୍ରି ପରିମାଣ
ଚାଉଳ	୪୫୦୦ କି.ଗ୍ରା
ଡାଲି	୫୦୦ କି.ଗ୍ରା
ଅଟା	୨୦୦୦ କି.ଗ୍ରା
ଆଳୁ	୧୫୦୦ କି.ଗ୍ରା
ଲୁଣ	୧୦୦୦ କି.ଗ୍ରା

୬. ଗୋଟିଏ ଦୋକାନୀ ଏକ ସପ୍ତାହରେ ବିକ୍ରି କରିଥିବା କ୍ଷୀରପ୍ୟାକେଟ୍ ସମ୍ବନ୍ଧୀୟ ତଥ୍ୟ ନିମ୍ନ ସାରଣୀରେ ଦିଆଯାଇଛି । ସାରଣୀରେ ଦିଆଯାଇଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ।

ବାରର ନାମ	ସୋମବାର	ମଙ୍ଗଳବାର	ବୁଧବାର	ଗୁରୁବାର	ଶୁକ୍ରବାର	ଶନିବାର	ରବିବାର
କ୍ଷୀର ପ୍ୟାକେଟ୍ ସଂଖ୍ୟା	୧୮	୬	୧୨	୨୪	୧୨	୧୮	୩୦

ତୁମେ ତିଆରି କରିଥିବା ଚିତ୍ରଲେଖ, ତୁମ ସାଙ୍ଗମାନଙ୍କର ଚିତ୍ରଲେଖ ସହ ସମାନ ହେଉଛି କି ?

ଯଦି ନ ହେଉଛି ତା'ର କାରଣ କ'ଣ ?

୭. ଛଅଟି କ୍ରିକେଟ୍ ମ୍ୟାଚ୍‌ରେ ମାମୁନି ଓ ବୁବୁନି ସଂଗ୍ରହ କରଥିବା ରନ୍‌କୁ ଦୁଇଟି ଅଲଗା ଅଲଗା ଚିତ୍ରଲେଖରେ ଦର୍ଶାଯାଇଛି ।

ଚିତ୍ରଲେଖରେ ପ୍ରତି ୩ ରନ୍ ପାଇଁ ଗୋଟିଏ ଚିତ୍ର କରାଯାଇଛି ।



(ମାମୁନି ସଂଗ୍ରହ କରିଥିବା ରନ୍ ପାଇଁ ଚିତ୍ରଲେଖ)



(ବୁବୁନି ସଂଗ୍ରହ କରିଥିବା ରନ୍ ପାଇଁ ଚିତ୍ରଲେଖ)

(କ) ମାମୁନି ଓ ବୁବୁନି ଉଭୟ ସଂଗ୍ରହ କରିଥିବା ରନ୍ ସଂଖ୍ୟାକୁ ନିମ୍ନ ସାରଣୀରେ ଲେଖ ।

	ମାମୁନି ସଂଗ୍ରହ କରିଥିବା ରନ୍ ପରିମାଣ	ବୁବୁନି ସଂଗ୍ରହ କରିଥିବା ରନ୍ ପରିମାଣ
ପ୍ରଥମ ମ୍ୟାଚ୍		
ଦ୍ୱିତୀୟ ମ୍ୟାଚ୍		
ତୃତୀୟ ମ୍ୟାଚ୍		
ଚତୁର୍ଥ ମ୍ୟାଚ୍		
ପଞ୍ଚମ ମ୍ୟାଚ୍		
ଷଷ୍ଠ ମ୍ୟାଚ୍		

(ଖ) ଉପରେ ଦିଆଯାଇଥିବା ସାରଣୀକୁ ଦେଖି କେତେଗୁଡ଼ିଏ ପ୍ରଶ୍ନ ତିଆରି କର ।

ଯେପରି – ଦ୍ୱିତୀୟ ମ୍ୟାଚ୍‌ରେ କିଏ ଅଧିକ ରନ ସଂଗ୍ରହ କରିଛି ଓ କେତେ ଅଧିକ ରନ୍ ସଂଗ୍ରହ କରିଛି ?